## ମହିଳାଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,(ଡି.ଏନ୍.ଏ.): ଦିଗପହଣ୍ଡି ଥାନା ମହୁଡା ଗ୍ରାମ ନୂଆସାହିରେ ଘର କାନ୍ଥ ବିବାଦକୁ କେନ୍ଦ୍ର କରି ଗତ ମଙ୍ଗଳବାର ବିଜୟଲକ୍ଷ୍ମୀ ମହାନ୍ତିଙ୍କୁ ନିଜ ଘର ସମ୍ମୁଖରେ ଲୁହା ପାଇପ୍‌ରେ ପିଟି ହତ୍ୟା କରାଯାଇଥିଲା। ଏହି ମାମଲାରେ ଶନିବାର ବିଜୟଲକ୍ଷ୍ମୀଙ୍କ ପଡ଼ୋଶୀ ନାରାୟଣ ନାହାକଙ୍କୁ ଗିରଫ କରାଯାଇଛି। ଗାଁ ପୋଖରୀରୁ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ପାଇପ୍‌କୁ ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି। ଥାନା ମାମଲା ନଂ.୩୦୭/୨୧ ଅନୁଯାୟୀ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି।

# ସତର୍କ ନ ହେଲେ କରୋନା ତୃତୀୟ ଲହର ସମ୍ଭାବନା

**ଛତ୍ରପୁର, ୨୭।୧୧(ଡି.ଏନ.ଏ.)**

- ଡାକ୍ତରଙ୍କୁ ହେଡ୍‌କ୍ୱାର୍ଟର୍ସରେ ରହିବାକୁ ନିର୍ଦ୍ଦେଶ
- ୧୫ ସୁଦ୍ଧା ଶତ ପ୍ରତିଶତ ଟିକାକରଣ ଲକ୍ଷ୍ୟ

ଗଞ୍ଜାମ ଜିଲ୍ଲାବାସୀ ସତର୍କତା ଏବଂ ସମ୍ପୂର୍ଣ୍ଣ ଟିକାକରଣ ନ ହେଲେ ଆଗାମୀ ଦିନରେ ତୃତୀୟ ଲହର ସଂକ୍ରମଣରୁ ବର୍ତ୍ତିବା ସମ୍ଭବ ହେବ ନାହିଁ। ଜନସାଧାରଣଙ୍କ ଖାମଖିଆଲ ମନୋଭାବ ପୁଣି ବିପଦ ଆଡକୁ ଟାଣିନେବ । ଏହି ସମ୍ପର୍କିତ ଏକ ଆଭାସି ବୈଠକ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ଜଣାଇଥିଲେ, ଜିଲ୍ଲାରେ ଏଯାବତ ୮୨ ପ୍ରତିଶତ ଲୋକ ଟିକା ନେଇଛନ୍ତି, ପୁଣି ୧୮ ପ୍ରତିଶତ ଲୋକଙ୍କ ଟିକାକରଣ ବାକି ରହିଛି। କେହି ଜଣେ ହେଲେ ଟିକାକରଣରୁ ବଞ୍ଚିତ ରହିବେ ନାହିଁ, ସେଥିନିମନ୍ତେ ସମସ୍ତ ସମ୍ପୃକ୍ତ ଅଧିକାରୀ ତତ୍ପରତାର ସହ କାର୍ଯ୍ୟ କରନ୍ତୁ। ନଚେତ୍ ଦକ୍ଷିଣ ଆଫ୍ରିକାରେ ଦେଖାଯାଇଥିବା ନୂଆ ଭାରିଆଣ୍ଟ କରୋନା ଭୂତାଣୁ ତୃତୀୟ ଲହରକୁ ଏଡାଯାଇ ପାରିବ ନାହିଁ। ଡିସେମ୍ବର ୧୫ ସୁଦ୍ଧା ବଞ୍ଚିତ ଥିବା ୧୮ ପ୍ରତିଶତ ଲୋକଙ୍କ ପ୍ରଥମ ଡୋଜ୍ ଟିକାକରଣ ଶେଷ କରନ୍ତୁ। ସମସ୍ତ ଡାକ୍ତର ନିଜ ହେଡ୍‌କ୍ୱାର୍ଟର୍ସ ଛାଡିବେ ନାହିଁ, ନଚେତ୍ ପାଣ୍ଡାମିକ୍ ଆଇନ ପ୍ରକାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ସତର୍କ କରାଇ ଦେଇଛନ୍ତି।



ଜିଲ୍ଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

'ହର ଘର ଦସ୍ତକ' କାର୍ଯ୍ୟକ୍ରମରେ ପ୍ରତିଟି ଘରକୁ ଘର ଯାଇ ସର୍ଭେ କରନ୍ତୁ। ଗର୍ଭବତୀଙ୍କ ଟିକାକରଣ ସୁନିଶ୍ଚିତ କରନ୍ତୁ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସିଡିପିଓ ନିଜ ସ୍ତରରେ ସମୀକ୍ଷାକରି ଟିକାକରଣ କମିଯିବାର କାରଣ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ୨୭,୨୨,୯୦୬ ବ୍ୟକ୍ତିଙ୍କୁ ୨୫ ନଭେମ୍ବର ୨୧ ସୁଦ୍ଧା ଟିକାକରଣ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୧୮ ବର୍ଷ ବୟସ୍କ ପର୍ଯ୍ୟନ୍ତ ୨୨,୩୩,୯୫୮ ଜଣ ପ୍ରଥମ ଡୋଜ୍, ୧୯,୨୬,୪୯୩ ଜଣ ଦ୍ୱିତୀୟ ଡୋଜ୍ ଗ୍ରହଣ କରିଛନ୍ତି। ୩,୫୭,୦୯୦ ବ୍ୟକ୍ତିଙ୍କ ନିମନ୍ତେ କୋଭାକ୍ସିନ ଏବଂ ୩୩,୪୮୦ ବ୍ୟକ୍ତିଙ୍କ ସକାଶେ କୋଭିଶିଲ୍ଡ ଟିକା ମହଜୁଦ ରହିଛି । ଲୋକଙ୍କୁ ଠିକ୍ ସଚେତନତା ଓ ସୂଚନା ପ୍ରଦାନ କରନ୍ତୁ, ସେମାନେ ଯେମିତି ଟିକାକରଣ ଦିଗରେ ଆଗ୍ରହ ହେବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଡ. ସିଦ୍ଧେଶ୍ୱର ବଳରାମ ବୋନ୍ଦାର, ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖେସ୍, ପ୍ରିୟ ରଞ୍ଜନ ପୃଷ୍ଟି, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଉପ ଜିଲ୍ଲାପାଳ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ସଚିବ ସମ୍ବିତ ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉମାକାନ୍ତ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା ଯୋଜନା ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ସମସ୍ତ ବିଡ଼ିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନୂତନ ଏଡିଜେଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଲ୍ଲିକୋଟ,୨୭।୧୧(ଡି.ଏନ୍.ଏ.): ଖଲ୍ଲିକୋଟ କୋର୍ଟ ପରିସରରେ ଶୁକ୍ରବାର ନୂତନ ଭାବେ ଯୋଗ ଦେଇଥିବା ଏଡିଜେ (ଅତିରିକ୍ତ ଜିଲା ଦୌରାଜଜ୍) ଆଶୁତୋଷ ଦାଶଙ୍କୁ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବାର୍ ସଭାପତି ଗଣେଶ୍ୱର ପଲାଇଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜେଏମ୍ଏଫ୍‌ସି ଶିବାନୀ ମିଶ୍ର, ସବ୍‌ଜଜ୍ ଅଲେଖ ଚରଣ ପ୍ରଧାନ, ଏଡିଜେ ଆଶୁତୋଷ ଦାଶ, ବାର୍ ସମ୍ପାଦକ ଜ୍ୟୋତିଷ କୁମାର ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ରଥ, ପ୍ରଶାନ୍ତ କୁମାର ପଣ୍ଡା, ସ୍ମୃତିରଞ୍ଜନ ମହାନ୍ତି, ଚକ୍ରପାଣି ସ୍ୱାଇଁ, ଅଭିମନ୍ୟୁ ଗୌଡ଼, ବିନାୟକ ସାହୁ, ସୀମାଞ୍ଚଳ ବେହେରା, ଭଗବାନ ସିଂ, ସନ୍ତୋଷ ମିଶ୍ରଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।

### ୨୪ କେଜି ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ ଅଫିସ,୨୭।୧୧: ଫୁଲବାଣୀ ଅବକାରୀ ବିଭାଗ କର୍ମଚାରୀ କଲେଜ ଛକ ପାଖରେ ଚଢ଼ାଉ କରି ଏକ କାରରୁ ୨୪ କେଜି ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଫିରିଙ୍ଗିଆ ବ୍ଲକ ମୋଟିଙ୍ଗିଆ ଗ୍ରାମର ଦେବରାଜ କହଁର ଓ କୁମ୍ଭାରୀଗୁଡା ଗ୍ରାମର ପବିତ୍ର ମଲ୍ଲିକ। ଫିରିଙ୍ଗିଆ ବ୍ଲକ ନୂଆପଦର ଅଞ୍ଚଳରୁ ଏକ କାରରେ ଗଞ୍ଜେଇ ବାହାରକୁ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଅବକାରୀ କର୍ମଚାରୀ କଲେଜ ଛକରେ ପହଞ୍ଚିଥିଲେ। ସମ୍ମୁଖରୁ ଆସୁଥିବା ଏକ କାରକୁ ଅଟକାଇ ଯାଞ୍ଚ କଲା ବେଳେ ସେଥିରୁ ଗଞ୍ଜେଇ ମିଳିଥିଲା।

### ତ୍ରିଦିବସୀୟ ସ୍ୱାସ୍ଥ୍ୟ ଶିବିର

ଆସିକା,୨୭।୧୧(ଡି.ଏନ.ଏ):ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆସିକା ସ୍ଥିତ ଶାନ୍ତି ଶକ୍ତି ଭବନ ପକ୍ଷରୁ ସ୍ଥାନୀୟ ଅଶୋକା ସିନେମା ହଲ ପରିସରରେ ଶନିବାରଠାରୁ ଏକ ତ୍ରିଦିବସୀୟ ସ୍ୱାସ୍ଥ୍ୟ ଶିବିର ଆରମ୍ଭ ହୋଇଛି। ସନ୍ଧ୍ୟାରେ ଏହି ଶିବିର ଉଦଘାଟିତ ହୋଇଛି। ଉତ୍ସବରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ ପ୍ରଶାନ୍ତ କୁମାର ପଣ୍ଡା ଓ ଓକିଲ ଚନ୍ଦ୍ରଶେଖର ପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଦେଶର ପ୍ରତିରକ୍ଷା ବିଭାଗରେ କର୍ତ୍ତବ୍ୟରତ ବିଶିଷ୍ଟ ବୈଜ୍ଞାନିକ ବ୍ରହ୍ମକୁମାର ପୁରୁଷୋତ୍ତମ ଚୌଧୁରୀ ଓ ମନୋବିଜ୍ଞାନୀ ବ୍ରହ୍ମକୁମାରୀ ପ୍ରିୟା ଚୌଧୁରୀ ଯୋଗ ଦେଇଥିଲେ। ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ପ୍ରଭାତୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲା ବେଳେ ବ୍ରହ୍ମକୁମାର ସତ୍ୟପ୍ରିୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏତଦ ଅବସରରେ ମଣିଷ ଜୀବନକୁ କିଭଳି ଖୁସିରେ ଅତିବାହିତ କରିପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

### ଖୋଲଖାଲିରେ ବିଜେଡିର ମିଶ୍ରଣ ପର୍ବ

ବୁଗୁଡ଼ା,୨୭।୧୧(ଡି.ଏନ୍.ଏ.): ବୁଗୁଡ଼ା ବ୍ଲକର ଖୋଲଖାଲି ଗ୍ରାମରେ ଶୁକ୍ରବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ କାର୍ତ୍ତିକ ସାହାଣୀଙ୍କ ନେତୃତ୍ୱରେ ତାଙ୍କର ଶତାଧିକ ସମର୍ଥକ ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା, ସୂର୍ଯ୍ୟମଣି ଗୌଡ, ବିବେକାନନ୍ଦ ବାରିକ, କବିରାଜ ଗୌଡ଼, ବବୁଲ୍ ନାୟକ, ବିଜୁଳି ଜେନା, ଧୋବା ପ୍ରଧାନ, କୃଷ୍ଣଚନ୍ଦ୍ର ରା, ସୁଶାନ୍ତ କୁମାର ଆପଟ, ସୁଧାଂଶୁ ଶେଖର ପାଢ଼ୀ ପ୍ରମୁଖ ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଜେଡିରେ ସାମିଲ୍ ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା।

### ଭାଜପାର ମିଶ୍ରଣ ପର୍ବ

ଗୋପାଳପୁର,୨୭।୧୧(ଡି.ଏନ୍.ଏ.): ଗୋପାଳପୁର ନିର୍ବାଚନମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ମାର୍କଣ୍ଡି ପଞ୍ଚାୟତରେ ଶନିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାଜପା ଜିଲା ସଭାପତି ବିଭୂତି ଭୂଷଣ ଜେନା, ପୂର୍ବତନ ଜିଲା ସଭାପତି କାହ୍ନୁ ଚରଣ ପତି, ୫୩ ନଂ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ଏଲ୍.ମୋହନ ଦାସ୍, ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁବାଶିଷ ସାହୁ, ମଣ୍ଡଳ ସଭାପତି ବ୍ରଜମୋହନ ନାହକ, ସନତ୍ କୁମାର ନାୟକ, ସୁଶାନ୍ତ ନାୟକ, ଜିଲା ସାଧାରଣ ସମ୍ପାଦକ ପ୍ରଭାତ କୁମାର ଷଡ଼ଙ୍ଗୀ, ଏନ୍. ରାଜେନ୍ଦ୍ର, ଗଞ୍ଜାମ ଜିଲା ଯୁବମୋର୍ଚ୍ଚା ଉପସଭାପତି ଜଗମୋହନ ପାତ୍ର ପ୍ରମୁଖ ଉପସ୍ଥିତ ରହି ଭାଜପାରେ ସାମିଲ ହୋଇଥିବା ଶତାଧିକ ଗ୍ରାମବାସୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ମିଶ୍ରଣ ବେଳେ ଗ୍ରାମବାସୀ ତଥା ମତ୍ସ୍ୟଜୀବୀଙ୍କ ମୁଖ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ବାଚସ୍ପତିଙ୍କ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ

**ଦିଗପହଣ୍ଡି,୨୭।୧୧(ଡି.ଏନ.ଏ.)**

ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ଶନିବାର ଦିଗପହଣ୍ଡି ବ୍ଲକର କୋଟିନଡା, ବି.ତୁରୁବୁଡି ଓ ଜକର ପଞ୍ଚାୟତ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଶିଳାନ୍ୟାସ କରି ଫେରିଛନ୍ତି। ଏହି ଅବସରରେ ସମ୍ପୃକ୍ତ ପଞ୍ଚାୟତର କର୍ମୀମାନଙ୍କ ସହିତ ସାଙ୍ଗଠନିକ ସ୍ଥିତି ଓ ଆଗାମୀ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ମଧ ବାଚସ୍ପତିଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବାଚସ୍ପତି ଓ ଏମ୍‌ପିଙ୍କୁ ଦଳୀୟ କର୍ମୀ ଓ ସମର୍ଥକମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଶନିବାର ପୂର୍ବାହ୍ନରେ ବାଚସ୍ପତି ପ୍ରଥମେ କୋଟିନଡା ପଞ୍ଚାୟତର ଡଙ୍ଗାରୀ ଗ୍ରାମ ଗସ୍ତରେ ଯାଇଥିଲେ। ଗ୍ରାମର ମଝି ସାହି କୋଠଘର ଓ ପୂର୍ବସାହି କୋଠ ଘରକୁ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ସାରି ବାଚସ୍ପତି ବି.ତୁରୁବୁଡି ଗ୍ରାମର ରେଡ୍ଡୀ ସମାଜ କୋଠଘର ଓ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀଗୃହକୁ ଉଦ୍‌ଘାଟନ କରି ଜକର ପଞ୍ଚାୟତ ଅଭିମୁଖେ ବାହାରିଥିଲେ। ପଞ୍ଚାୟତର ତେନ୍ତୁଆପଡା ଗ୍ରାମକୁ ଯାଇ ଗ୍ରାମର ଯାତ୍ରୀ ବିଶ୍ରାମାଗାର, ହରିଜନସାହି କୋଠ ଘର, ଉଠାଜଳସେଚନ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ସହ ଧୋବା ସହି ମଣ୍ଡପ ଓ ହରିଜନ ସାହି ମଣ୍ଡପ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ବାଚସ୍ପତିଙ୍କ କାର୍ଯ୍ୟକ୍ରମରେ କୋଟିନଡା ସରପଞ୍ଚ ନମୀତା ବିଷୋୟୀଙ୍କ ପ୍ରତିନିଧି ଉମାକାନ୍ତ ବିଷୋୟୀ, ସିଦ୍ଧେଶ୍ୱର ସରପଞ୍ଚ ଅନୀତା ସ୍ୱାଇଁଙ୍କ ପ୍ରତିନିଧି ସରୋଜ କୁମାର ଜେନା, କେ.ଲକ୍ଷ୍ମୀ ନାରାୟଣ ଦୋରା, ବିଜୟ କୁମାର ପ୍ରଧାନ, ଅରୁଣ କୁମାର ସାହୁ, କେ.ସଞ୍ଜୀବ କୁମାର ରେଡ୍ଡୀ, ମିଟୁ ଚୌଧୁରୀ, ଲିଙ୍ଗା ଦୋରା, ଜକର ସରପଞ୍ଚ ଚୈତନ୍ୟ ପ୍ରଧାନ, ଦେବହରୀ ବେହେରା, ପର୍ଶୁରାମ ବାଡତ୍ୟା ପ୍ରମୁଖ ସାମିଲ୍ ହୋଇଥିଲେ।



ବାଚସ୍ପତି ଓ ଏମ୍‌ପିଙ୍କ ଦିଗପହଣ୍ଡି ଗସ୍ତ।

## ବାର୍‌ହା ଶିକାର ପାଇଁ ବିଛାଯାଇଥିଲା
# ବିଦ୍ୟୁତ୍ ଫାଶରେ ଲାଗି ଯୁବକ ମୃତ

**ବୁଗୁଡ଼ା,୨୭।୧୧(ଡି.ଏନ.ଏ.)**

ବୁଗୁଡ଼ା ଥାନା କହେଁଇପୁର ଗ୍ରାମରେ ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ କହ୍ନେଇପୁର ଗ୍ରାମର ଶ୍ରୀକାନ୍ତ ଗୌଡ଼ ଓ ଆହତ ଜଣକ ହେଲେ ପ୍ରକାଶ ଗୌଡ଼। ଏ ନେଇ ବୁଗୁଡା ଥାନାରେ ନଂ. ୬୨୫/୨୧ରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଶ୍ରୀକାନ୍ତ ଓ ପ୍ରକାଶ ଗାଧୋଇବା ପାଇଁ ଗ୍ରାମ ନିକଟ ପୋଖରୀକୁ ବାହାରିଥିଲେ। ପ୍ରକାଶ ଶୌଚ ପାଇଁ ଅଟକି ଥିବା ବେଳେ ଶ୍ରୀକାନ୍ତ ଆଗରେ ଯାଇଥିଲେ। ପୋଖରୀ ପୂର୍ବରୁ ଧରମାଙ୍କ ଧାନ କ୍ଷେତରେ ପଡ଼ିଥିବା ବିଦ୍ୟୁତ୍ ତାର ଫାସରେ ସେ ଲାଗି ଯାଇଥିଲେ। କିଛି ସମୟ ପରେ ପ୍ରକାଶ ମଧ ସେହି ରାସ୍ତାରେ ଯାଇ ବିଦ୍ୟୁତ୍ ତାରରେ ଲାଗି ଯାଇଥିଲେ। କିନ୍ତୁ ବୁଦ୍ଧି ଖଟାଇ ମୁଣ୍ଡରେ ଭିଡ଼ିଥିବା ଶୁଖିଲା ଗାମୁଛା ଦ୍ୱାରା ବିଦ୍ୟୁତ ତାର ବହାର କରିଥିଲେ। ପରେ ଗାଁର କିଛି ଲୋକଙ୍କୁ ସାଙ୍ଗରେ ନେଇ ଶ୍ରୀକାନ୍ତଙ୍କ ମୃତଦେହ ତାରଠାରୁ କିଛି ଦୂରରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ବୁଗୁଡା ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ରାତି ସାଢେ ୧୧ଟାରେ ପହଞ୍ଚି ମୃତଦେହକୁ ସ୍ଥାନୀୟ ମେଡକାଲକୁ ନେଇଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣାସ୍ଥଳରୁ ବିଦ୍ୟୁତ୍ ତାର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଆହତଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

# କିରାମାହାରେ ଆଶ୍ଚର୍ଯ୍ୟ ପଦକ ମା'ମେରୀଙ୍କ ପର୍





କାର୍ଯ୍ୟକ୍ରମରେ ସାମୂହିକ ପ୍ରାର୍ଥନା କରାଯାଉଛି।

**ଦାରିଙ୍ଗବାଡ଼ି,୨୭।୧୧(ଡି.ଏନ୍.ଏ)**

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଧର୍ମାଞ୍ଚଳର କିରାମାହାଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଶ୍ଚର୍ଯ୍ୟ ପଦକ ମା'ମେରୀଙ୍କ ପର୍ ପାଳନ କରାଯାଇଛି। ଏହି ଅବସରରେ ଧର୍ମାଞ୍ଚଳର ମୁଖ୍ୟ ଯାଜକ ରବି ଶୋଭାସୁନ୍ଦରଙ୍କ ତତ୍ତ୍ୱାବଧାନରେ କିରାମାହା ଗ୍ରାମବାସୀଙ୍କ ପକ୍ଷରୁ ଏକ ମିଳିତ ଦିବ୍ୟଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ କଟକ-ଭୁବନେଶ୍ୱର ମହା ଧର୍ମପ୍ରଦେଶର ଭିକାର ଜେନେରାଲ ଫା. ପ୍ରୋଦସ ନାୟକ ଯୋଗଦେଇ ପୌରୋହିତ୍ୟ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ହେନେରୀ ସିଂ ଯୋଗଦେଇ ବାଇବଲ ପଠନ କରିଥିଲେ। ଅନ୍ୟଅତିଥି ଭାବେ ଯାଜକ ଦେବରାଜ ସିଂ, ମୁକୁନ୍ଦ ସିଂଙ୍କ ସମେତ ଅନ୍ୟାନ୍ୟ ଧର୍ମାଞ୍ଚଳର ଯାଜକବୃନ୍ଦ ଏହି ଦିବ୍ୟ ଯଜ୍ଞରେ ସାମିଲ ହୋଇ ସାମୂହିକ ପ୍ରାର୍ଥନା କରିଥିଲେ। ଚର୍ଚ୍ଚ ପରିଚାଳନା କମିଟିର ସଭାପତି ନରହରି ପାଲଟା ସିଂ ଓ ସମ୍ପାଦକ ପାଣ୍ଡବ ନାୟକଙ୍କ ନେତୃତ୍ୱରେ ଏହି ପର୍ ପାଳନର ଆୟୋଜନ କରାଯାଇଥିଲା।

# ବିଦ୍ୟାର୍ଥୀଙ୍କୁ ପଢ଼ାଇଲେ ଅତିରିକ୍ତ ଜିଲାପାଳ

**ଆର.ଉଦୟଗିରି,୨୭।୧୧(ଡି.ଏନ୍.ଏ.)**

ଗଜପତି ଜିଲା ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ମୋହନା ବ୍ଲକ ଗସ୍ତରେ ଆସି ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସହ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାର୍ଥୀଙ୍କୁ ପାଠ ପଢାଇଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବା ବେଳେ ଭୋଟ ଗଣତି କେନ୍ଦ୍ର ଓ ଭୋଟ ବାକ୍ସଗୁଡିକୁ ନିରାପଦ କୋଠରିରେ ରଖିବାକୁ ଉଦ୍ଦିଷ୍ଟ ମୋହନା ସରକାରୀ ଉଚ୍ଚ ବିଦ୍ୟାଳୟ ଗୃହ ଶୁକ୍ରବାର ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବି ପାତ୍ର, ହିସାବରକ୍ଷକ ରକ୍ଷକ କୁମାର ଟୁଡୁଙ୍କ ଉପସ୍ଥିତିରେ ମରାମତି କରିବା ଓ ନିର୍ମାଣାଧୀନ ପାଚେରି କାମ ଠିକ୍ ଭାବେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମଲ୍ଲାପଦରରେ ଚାଷ କରାଯାଇଥିବା ଗୋଲମରିଚ ବଗିଚା ବୁଲି ଦେଖିବା ସହ ଏହାର ବଜାରୀକରଣ ସମ୍ପର୍କରେ କୃଷି ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ଉନ୍ନତି କାର୍ଯ୍ୟର ସମୀକ୍ଷା କରିବା ସହ ସମସ୍ୟାର ସମାଧାନ ଉପରେ ଆଲୋଚନା କରିଥିଲେ।

## ଏସ୍‌ଇଏମ୍ ଓ ପମ୍ପ ଚାଳକଙ୍କ ୬ଦଫା ଦାବିରେ ବିକ୍ଷୋଭ

**ଶେରଗଡ଼,୨୭।୧୧(ଡି.ଏନ୍.ଏ.)**

ଶେରଗଡ ବ୍ଲକର ଏସ୍‌ଇଏମ୍ ଓ ପମ୍ପ ଚାଳକମାନେ ଏକଜୁଟ ହୋଇ ବ୍ଲକ ସମ୍ମୁଖରେ ୬ ଦଫା ଦାବି ନେଇ ବିକ୍ଷୋଭ କରିଛନ୍ତି। ଏଥିସହ ବିଡିଓ ଶମ୍ଭୁନାଥ ନନ୍ଦିଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାପରେ ଜଳପରିମଳ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଯାଇ ମୁଖ୍ୟଯନ୍ତ୍ରୀ ଜଳପରିମଳ ବିଭାଗ ଓ ଥାନା ଅଧିକାରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକରେ ୨୨ ଗ୍ରାମପଞ୍ଚାୟତ ଓ ୯୫ ରାଜସ୍ୱ ଗ୍ରାମ ରହିଛି। ପ୍ରତି ଗ୍ରାମରେ ଥିବା ପାଣି ପ୍ରକଳ୍ପଗୁଡ଼ିକରେ କାମ କରୁଥିବା ଏସ୍‌ଇଏମ୍ ଓ ପମ୍ପ ଚାଳକମାନଙ୍କ ଦରମା ପଞ୍ଚାୟତର ଗ୍ରାମସେବକମାନେ ଦେଉନାହାନ୍ତି। ଫଳରେ ଆମେ ନାନା ହଇରାଣ ହେଉଥିବାରୁ ଏହି ବିକ୍ଷୋଭ କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର କରିବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଡୁମ୍ବାବାସୀଙ୍କୁ କାଠପୋଲ ଭରସା

**ପାରଳାଖେମୁଣ୍ଡି, ୨୭।୧୧(ଡି.ଏନ୍.ଏ.)**

**ଗାଁକୁ ରାସ୍ତା ନାହିଁ**

ସ୍ୱାଧୀନତାର ୭୪ ବର୍ଷ ପରେ ମଧ ଗଜପତି ଜିଲା ରାୟଗଡ଼ ବ୍ଲକ ଜଲଙ୍ଗ ପଞ୍ଚାୟତର ଡୁମ୍ବା ଗାଁକୁ ରାସ୍ତା ନାହିଁ। କେବଳ କାଠ ତିଆରି ପୋଲ ଲୋକଙ୍କ ଏକମାତ୍ର ଭରସା। ଲୋକେ ପ୍ରତିବର୍ଷ ବର୍ଷା ଦିନ ୩ ମାସ ଜଳ ବନ୍ଦୀ ହୋଇ ନିଜ ଭାଗ୍ୟକୁ ଆଦରି ଗାଁରେ ପଡିରହୁଛନ୍ତି। ବର୍ଷା ସରିଲେ ଗାଁ ଲୋକେ ଶ୍ରମଦାନ ସହ ଜଙ୍ଗଲରୁ କାଠ ସଂଗ୍ରହ କରି ଅସ୍ଥାୟୀ ପୋଲ ନିର୍ମାଣ କରୁଛନ୍ତି। ରୋଗୀ, ଗର୍ଭବତୀଙ୍କ ଚିକିତ୍ସା ପାଇଁ ରାସ୍ତା ନ ଥିବାରୁ ଗାଁକୁ କୌଣସି ଗାଡି ପହଞ୍ଚି ପାରୁନାହିଁ। ସ୍କୁଲ ଯିବା ପାଇଁ ହେଲେ ପିଲାଙ୍କ ଲାଗି ଏକମାତ୍ର ଚଲା ରାସ୍ତା, କାଠ ପୋଲ ହିଁ ଭରସା। ବିଭିନ୍ନ ସମୟରେ ପିଲାମାନେ ଯିବା ବେଳେ ଖସି ପଡିଯିବା ଭଳି ଘଟଣା ଦେଖିବାକୁ ମିଳୁଛି। ଏ ନେଇ ବାରମ୍ବାର ପ୍ରଶାସନକୁ ଗାଁ ଲୋକ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ରାୟଗଡ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ ପ୍ରତାପ ବଳଙ୍କ କହିବାନୁସାରେ ଯେହେତୁ ବ୍ଲକ ବ୍ରିଜ ନିର୍ମାଣ କରାଯାଇପାରିବ ନାହିଁ ତେଣୁ ବିଜୁ ସେତୁ ଯୋଜନାରେ ନିର୍ମାଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ କୁହାଯାଇଛି ।



ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ କାଠ ପୋଲ।

# ଆଳୁଚାଷରେ ମୂଳଶଢ଼ା ରୋଗ, ଚାଷୀ ହତାଶ

**ଫୁଲବାଣୀ ଅଫିସ, ୨୭।୧୧**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତରେ ହୋଇଥିବା ଆଳୁଚାଷରେ ମୂଳଶଢ଼ା ରୋଗ ଦେଖାଦେଇଛି। ଅଦିନିଆ ବର୍ଷା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ଚାଷୀ ଏବେ ହତାଶ ହୋଇ ପଡିଛନ୍ତି। ଫିରିଙ୍ଗିଆ ପଞ୍ଚାୟତ ୧୪ ନମ୍ବର ୱାର୍ଡର ଶଶିପଦର, ତଣ୍ଡ୍ରିଗାଁ, ନେଡିପଦର, ମୁଣ୍ଡାସାହି ଏବଂ ଆଖପାଖ ଗାଁଗୁଡିକରେ ଆଳୁଚାଷ କ୍ଷତିଗ୍ରସ୍ତ ହୋଇଛି।

ଏସବୁ ଗାଁର ଲୋକେ ମୁଖ୍ୟତଃ ଚାଷକାର୍ଯ୍ୟ ଉପରେ ନିର୍ଭର କରି ଜୀବନ ନିର୍ବାହ କରନ୍ତି। ଚଳିତବର୍ଷ ବର୍ଷା ଅଭାବରୁ ଧାନଚାଷ ଠିକ୍ ଭାବରେ ହୋଇପାରି ନ ଥିଲା। ଆଳୁରେ ଅଧିକ ଲାଭ ହେଉଥିବାରୁ ଚାଷୀମାନେ ଏହି ଚାଷ ଲାଗି ମନ ବଳାଇଥିଲେ। ଅଧିକାଂଶ ଚାଷୀ ବର୍ତ୍ତମାନ ଆଳୁରେ ମୂଳଷଢ଼ା ରୋଗ ହେତୁ ଚିନ୍ତାରେ ପଡ଼ିଛନ୍ତି। ବର୍ତ୍ତମାନ ହେଉଛି ଆଳୁଚାଷର ଶେଷ ପର୍ଯ୍ୟାୟ। ଅଳ୍ପ ଦିନ ପରେ ଅମଳ ହୋଇଥାନ୍ତା। ମୂଳଶଢ଼ା ରୋଗ ଯୋଗୁ ଗଛଗୁଡିକ ନଷ୍ଟ ହୋଇଯାଉଛି। ଚଳିତବର୍ଷ କୃଷି ବିଭାଗ ପକ୍ଷରୁ ଉନ୍ନତ ମାନର ବିହନ, ସାର, କୀଟନାଶକ ଚାଷୀଙ୍କୁ ମିଳି ନ ଥିଲା। ଫଳରେ ଖୋଲା ବଜାରରୁ ଅଧିକ ଦରରେ ଆଳୁ ବିହନ କିଣି ଚାଷ କରିଥିଲୁ । ଠିକ ଅମଳ ସମୟରେ ଆଳୁ ଫସଲ ନଷ୍ଟ ହେଲା। ଏବେ ଋଣ କିପରି ଶୁଝିବୁ ତାହା ଆମକୁ ଚିନ୍ତାରେ ପକାଇଛି ବୋଲି ଚାଷୀମାନେ ପ୍ରକାଶ କରିବା ସହ ସରକାର କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଫିରିଙ୍ଗିଆ ବ୍ଲକ ଦାୟିତ୍ୱରେ ଥିବା କୃଷି ବିଭାଗ ଅଧିକାରୀ ସବ୍ୟସାଚୀ ଦାସଙ୍କୁ ପଚାରିବାରୁ ଘଟଣା ସ୍ୱୀକାର କରିବା ସହ ବିହନର ବିଶୋଧନରେ ତ୍ରୁଟି ଯୋଗୁ ଏପରି ହୋଇଛି । ଚାଷୀଙ୍କୁ ଆଗାମୀ ଦିନରେ ସଚେତନ କରାଯିବ ବୋଲି କହିଛନ୍ତି।



ନଷ୍ଟ ହୋଇଥିବା ଆଳୁ ଫସଲକୁ ଚାଷୀ ଦେଖାଉଛନ୍ତି।

## ମଦ ଜବତ, ଜଣେ ଗିରଫ

**ଭଞ୍ଜନଗର,୨୭।୧୧(ଡି.ଏନ୍.ଏ)**

ଭଞ୍ଜନଗର ଅବକାରୀ ଥାନା ପକ୍ଷରୁ ବିରିପଦର ଜଙ୍ଗଲରେ ଚାଲିଥିବା ନକଲି ଦେଶୀ ମଦଭାଟି ଉପରେ ଶନିବାର ଚଢ଼ାଉ କରାଯାଇଛି। ଓଆଇସି ରମ୍ଭା ବାଗଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ୩୧୦୦ ଲିଟର ପୋଚ ନଷ୍ଟ କରାଯିବା ସହ ୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ନେଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଓଆଇସି ରମ୍ଭା ବାଗ ପ୍ରକାଶ କରିଛନ୍ତି।

## ଜିଲା ଜଜ୍‌ଙ୍କୁ ସ୍ୱାଗତ

**ଭଞ୍ଜନଗର,୨୭।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଶନିବାର ଭଞ୍ଜନଗର କୋର୍ଟକୁ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଭଞ୍ଜନଗର ଓକିଲ ସଂଘ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଓକିଲ ସଂଘ ସଭାପତି ସନ୍ତୋଷ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବେଦ ପ୍ରକାଶ, ଏସ୍‌ଡିଜେଏମ୍ ମନସ୍ୱିନୀ ରଥ, ଜେଏମ୍ଏଫ୍‌ସି ପ୍ରଜ୍ଞା ରାଉତ, ବରିଷ୍ଠ ଓକିଲ ଏମ୍. ତାଜ ଆବେନି, ସୋମନାଥ ନାୟକ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦଣ୍ଡପାଣି ସ୍ୱାଇଁ, ବିନୟ ରଥ, ଉପସଭାପତି ରଜତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

**ସୋରଡ଼ା,୨୭।୧୧(ଡି.ଏନ୍.ଏ.)**

ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମହାସଂଘ ସୋରଡା ଶାଖା ତରଫରୁ ବି ସୀମାଞ୍ଚଳ ମଣ୍ଡଳଙ୍କୁ ଶୁକ୍ରବାର ୮ ଦଫା ଦାବିପୂରଣ ପାଇଁ ପତ୍ର ପ୍ରଦାନ କରାଯାଇଛି। ଏସ୍‌ଇଏମ୍ ପଦବୀ ଉଚ୍ଛେଦ କରି ଜଳଯୋଗାଣ କର୍ମଚାରୀର ମାନ୍ୟତା ଦେବା, କୁଶଳୀ ନିୟମ ପାଳନ, ନ୍ୟାୟାଳୟ ଆଦେଶ ପାଳନ, ବୟସ ସୀମା କୋହଳ, ୧୦ ବର୍ଷର ବକେୟା ରାଶି ପ୍ରଦାନ, ବୀମା ଲାଗୁ, ମେଘା ପ୍ରକଳ୍ପରେ ନିଯୁକ୍ତି ଆଦି ଦାବି ପୂରଣ ପାଇଁ ନିବେଦନ କରାଯାଇଛି। ବ୍ଲକ ସଭାପତି ଚନ୍ଦ୍ରଶେଖର ଗଉଡ଼, ସମ୍ପାଦକ ଅରୁଣ କୁମାର ଗଉଡ଼, ଉପଦେଷ୍ଟା ଦ୍ୟୁତିକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟ ହୀନଙ୍କୁ ମିଳିଲା ସହାୟତା

**ପୋଲସରା,୨୭।୧୧(ଡି.ଏନ.ଏ.)**

ପୋଲସରା ବ୍ଲକ ମଧୁପଲ୍ଲୀ ଗ୍ରାମର ଅନାଥ ହୀନ ପ୍ରଧାନଙ୍କୁ ଗଞ୍ଜାମ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ତରଫରୁ ସହାୟତା ହାତ ବଢ଼ାଇଛି। ବାପା ମା' ଛେଉଣ୍ଡ ହୀନ ମାମୁଘରେ ରହି ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି । ସମ୍ପୃକ୍ତ ଅନୁଷ୍ଠାନର ମୁଁ ବି ସ୍କୁଲକୁ ଯିବି କାର୍ଯ୍ୟକ୍ରମରେ ଅନାଥ ବାଳକ ହୀନଙ୍କ କଲେଜ ପଢିବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ବହନ କରିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ସହିତ ସ୍କୁଲ ବ୍ୟାଗ୍, ପଢା ପୁସ୍ତକ, ଡ୍ରେସ ପ୍ରଭୃତି ସାମଗ୍ରୀ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ବାପା ମା' ଛେଉଣ୍ଡ ହୀନଙ୍କୁ ନେଇ ଧରିତ୍ରୀରେ ଏକ ଖବର ଗତ କିଛିଦିନ ତଳେ ପ୍ରକାଶ ପାଇଥିଲା।

## ସଂଯୁକ୍ତ କୃଷକ ମୋର୍ଚ୍ଚାର ବିକ୍ଷୋଭ ଓ ଦାବିପତ୍ର

**କାଶୀନଗର,୨୭।୧୧(ଡି.ଏନ୍.ଏ.)**

ଦେଶରେ କୃଷକ ଆନ୍ଦୋଳନ ପରିପ୍ରେକ୍ଷୀରେ କାଶୀନଗର ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ କୃଷି ଆଇନ ପ୍ରତ୍ୟାହାର, ଶ୍ରମ ବିରୋଧୀ ଆଇନ, ତୈଳଦର ବୃଦ୍ଧି, ଗ୍ୟାସ ଦର କମାଇବା, ଫସଲ କ୍ଷତିପୂରଣ ଦିଆଯିବା, ଜମିପଟ୍ଟା ପ୍ରଦାନ ଆଦି ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମ୍ପାଦକ କାର୍ତ୍ତିକ ଶବରଙ୍କ ନେତୃତ୍ୱରେ କୁଣ୍ଡଙ୍ଗି ମୀନା, ଶୁକୁ ଶବର, ଟାନୁସୁ ଶବରଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

## ବ୍ଲକସ୍ତରୀୟ ନିଯୁକ୍ତି ମେଳା

**କାଶୀନଗର,୨୭।୧୧(ଡି.ଏନ୍.ଏ.)**

କାଶୀନଗର ବ୍ଲକ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ବିଡିଓ ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଦକ୍ଷତା ବିକାଶ ଓ ଜିଲା ନିୟୋଜନ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ବେକାର ଯୁବତୀ, ଯୁବକମାନେ ଯୋଗଦେଇ ବିଭିନ୍ନ ନିୟୋଜନ ସଂସ୍ଥା ଦ୍ୱାରା ନିଯୁକ୍ତି ସୁଯୋଗ ନିମନ୍ତେ କାଉନ୍‌ସେଲିଂ କରିଥିଲେ। ଜୀବନ ଜୀବିକା ମିଶନର ଜଗନ ବାରିକ, ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମ ପ୍ରାୟୋଜିତ କରିଥିଲେ।

**ମୁକ୍ତା ଯୋଜନା: ୧୦୯ ପ୍ରକଳ୍ପକୁ ୩ କୋଟି ୯୨ଲକ୍ଷ ଅନୁମୋଦନ**

**ପୋଲସରା,(ଡି.ଏନ.ଏ.):** ପୋଲସରା ସହର ସ୍ଥିତ ମାତୃଶକ୍ତି କଲ୍ୟାଣ ମଣ୍ଡପ ପରିସରରେ ଶନିବାର ବିଜେଡି ପକ୍ଷରୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମୁକ୍ତା ଯୋଜନାରେ ୧୦୯ ପ୍ରକଳ୍ପ ଲାଗି ୩ କୋଟି ୯୨ଲକ୍ଷ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ପୋଲସରା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ପୂର୍ବତନ ନଗରପାଳ ପ୍ରଫୁଲ୍ଲ ପ୍ରଧାନ, ମୋତିରାମ ସାହୁ, ଗୋପାଳ ସାହାଣୀ, ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସମ୍ପାଦକ ସନ୍ତୋଷ କୁମାର ବେହେରା, ନଗର ବିଜେଡି ସଭାପତି ରଞ୍ଜିତ କୁମାର ସାହୁଙ୍କ ସମେତ ପୋଲସରା ବିଜେଡିର ସମସ୍ତ କର୍ମକର୍ତ୍ତା ଓ ପୂର୍ବତନ କାଉନସିଲରମାନେ ଉପସ୍ଥିତ ଥିଲେ।

# ପାଚିକାଙ୍କୁ ସରକାରୀ ମାନ୍ୟତା ଦିଆଯାଉ

## ମହାସଂଘ ଗଞ୍ଜାମ ଜିଲା ସମ୍ମିଳନୀରେ ଦାବି

**ବ୍ରହ୍ମପୁର ଅଫିସ,୨୭ା୧୧**


ସମ୍ମିଳନୀରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ।


ଉପସ୍ଥିତ ପାଚିକା ପାଚକ ।

ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ପାଚକ ମହାସଂଘ ଗଞ୍ଜାମ ଜିଲା ଶାଖା ସମ୍ମିଳନୀ ଶନିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ରୋଷେଇ କରୁଥିବା ମହିଳା ଓ ପୁରୁଷଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ଓ ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରିବାକୁ ଦାବି ହୋଇଛି। ଅପରପକ୍ଷରେ ବୀମା ଅନ୍ତର୍ଭୁକ୍ତ ସହ ବକେୟା ପ୍ରାପ୍ୟ ତୁରନ୍ତ ପୈଠ କରିବାକୁ ଗୁରୁତ୍ୱ ଦିଆଯାଇଛି। କୁଲୁଲି ଟାଉନ ହଲରେ ଆୟୋଜିତ ସମ୍ମିଳନୀରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ରାଜ୍ୟସଭା ସଦସ୍ୟ ସୁବାସ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲୋକ ସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣକୁ ଆଇନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ବହୁବାର ଦାବି ପ୍ରତି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଅବହେଳା କରୁଥିବା ଦର୍ଶାଇ ସେ ବର୍ଷିଥିଲେ।

ମହାସଂଘ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ସମ୍ମିଳନୀରେ ଅଧକ୍ଷତା କରିଥିବା ବେଳେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ଡ଼ା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ସମ୍ମାନିତ ଅତିଥି ଥିଲେ। ବିଧାୟକ ବିକ୍ରମ କୁମାର ପଣ୍ଡା, ଲତିକା ପ୍ରଧାନ, ଶ୍ରୀକାନ୍ତ ସାହୁ, ସୁବାସ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ବିଜେଡି ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ଗଞ୍ଜାମ ଜିଲା ବିଜେଡି ମହିଳା ସଭାନେତ୍ରୀ ସଂଘମିତ୍ରା ଦଳେଇ ଉଦ୍‌ବୋଧନ ଦେଇଥିଲେ। ମହାସଂଘ କାର୍ଯ୍ୟକାରୀ ସଭାନେତ୍ରୀ ସରୋଜିନୀ କୁମୁରା, ସାଧାରଣ ସମ୍ପାଦକ କାର୍ତ୍ତିକ ସା, ଉପଦେଷ୍ଟା ହରେକୃଷ୍ଣ ମେହେର, ହରିହର ପ୍ରଧାନ, ଉପସଭାନେତ୍ରୀ ଶାନ୍ତି ଲୋହରା, କୋଷାଧକ୍ଷା କନକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ମୁଖ୍ୟତଃ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ବଖାଣିଥିଲେ।

ସମ୍ମିଳନୀରେ ୭ ଦଫା ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ୬୦ ବର୍ଷରୁ ଉର୍ଦ୍ଧ୍ୱ ପାଚିକା ଓ ପାଚକଙ୍କୁ ଅବସର ପରେ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ, ରାଜ୍ୟ ସରକାରଙ୍କ ଘୋଷିତ ଦୈନିକ ସର୍ବନିମ୍ନ ମଜୁରି ୨୭୫ ଟଙ୍କା ହିସାବରେ ମାସିକ ୮୨୫୦ ଟଙ୍କା ପ୍ରଦାନ, ସେମାନଙ୍କୁ ୪ର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ଚିକିତ୍ସା ଭତ୍ତା ପ୍ରଦାନ, ନିଯୁକ୍ତି ବ୍ୟବସ୍ଥା ସ୍କୁଲ ଓ ଗଣଶିକ୍ଷା ବିଭାଗ ନିୟନ୍ତ୍ରଣରେ ରଖାଯିବା, ବର୍ଦ୍ଧିତ ମଜୁରିର ବକେୟା ଟଙ୍କା ଅବିଳମ୍ବେ ପୈଠ, ସେମାନଙ୍କୁ ଭବିଷ୍ୟନିଧି ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ମାସିକ ପାରିଶ୍ରମିକ ୨୦୦୦ ଟଙ୍କାକୁ ବୃଦ୍ଧି କରିଥିଲେ ମଧ୍ୟ କେନ୍ଦ୍ର ସରକାର ତାଙ୍କ ଅଂଶ ୬ ଶହ ଟଙ୍କା ଦେଉ ନ ଥିବାର ଅଭିଯୋଗ କରାଯାଇଥିଲା।

## ବଧୂହତ୍ୟା ମାମଲାରେ ୬ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୭ା୧୧**

ଯୌତୁକଜନିତ ବଧୂ ହତ୍ୟା ମାମଲାର ଶୁଣାଣି କରି ଏଡିଜେ-୨ ସଂଘମିତ୍ରା ଶର୍ମା ପ୍ରମାଣ ଅଭାବରୁ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ସମେତ ୬ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଦିଗପହଣ୍ଡି ଥାନା ଅନ୍ତର୍ଗତ ମୌଳାଭଞ୍ଜାର ପଦ୍ମଚରଣ ସାହୁଙ୍କ ପୁଅ ସୁଶାନ୍ତ ୨୦୧୪ ଫେବୃୟାରୀ ୫ରେ ଖୋଡ଼ାସିଙ୍ଗିର ରବୀନ୍ଦ୍ର ମହାରଣାଙ୍କ ଝିଅ ଚାନ୍ଦିନୀଙ୍କୁ ବିବାହ କରିଥିଲେ। ବାହାଘର ୩ଦିନ ପରେ ଫେବୃୟାରୀ ୮ ରେ ଚାନ୍ଦିନୀଙ୍କ ମୃତ୍ୟୁ ଘଟିଥିଲା। ଅଧିକ ଯୌତୁକ ପାଇଁ ଝିଅଙ୍କୁ ହତ୍ୟା କରାଯାଇଥିବା ନେଇ ବାପା ରବୀନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ଦିଗପହଣ୍ଡି ପୋଲିସ ନମ୍ବର ୨୩/୧୪ରେ ସ୍ୱାମୀ ସୁଶାନ୍ତ, ଶ୍ୱଶୁର ପଦ୍ମଚରଣ, ଶାଶୁ ସୁପ୍ରଭା, ଦିଅର ପ୍ରଶାନ୍ତ, ଯାଆ ପାଣ୍ଡି, ନଣନ୍ଦ ପୁଷ୍ପଲତାଙ୍କ ନାମରେ ମାମଲା ରୁଜୁ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ଶନିବାର ଏହି ମାମଲାର ବିଚାର ବେଳେ ୨୦ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ କୋର୍ଟ ସମସ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ ଏପିପି କୁରେଶ ଗୌଡ଼, ମୁଦାଲାଙ୍କ ତରଫରୁ ପ୍ରଦୀପ କୁମାର ମହାପାତ୍ର, ଶ୍ରୀମନ୍ତ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୬ ଦିନ ପରେ ବି ମିଳୁନି ସୁରାକ

**ବାଳ ସୁଧାର ଗୃହରୁ ଅନ୍ତେବାସୀ ଚମ୍ପଟ ଘଟଣା**

**ବ୍ରହ୍ମପୁର ଅଫିସ,୨୭ା୧୧:** ବ୍ରହ୍ମପୁର ଜରଡ଼ା ବଙ୍ଗଳା ରାସ୍ତାରେ ଥିବା ପର୍ଯ୍ୟବେକ୍ଷଣ ଆବାସ ଓ ସ୍ୱତନ୍ତ୍ର ଆବାସ (ବାଳକ)ରୁ ଅନ୍ତେବାସୀ ଚମ୍ପଟ ଘଟଣାରେ ଅଦ୍ୟାବଧି ଜଣେ ବି ନାବାଳକ ଧରାପଡ଼ି ନାହାନ୍ତି। ଘଟଣାର ୬ଦିନ ପରେ ମଧ ପୋଲିସ ସୁରାକ ପାଇପାରି ନାହିଁ।

### କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ଭାଜପା ନେତା

**ରମ୍ଭା,୨୭ା୧୧:** ଅଦିନିଆ ବର୍ଷା ଫଳରେ ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତରେ ଧାନ ଫସଲ ନଷ୍ଟ ହୋଇଛି। ଭାଜପା ଜିଲା ସମ୍ପାଦକ ଭୀମସେନ ବେହେରାଙ୍କୁ ପାଲଙ୍ଗ ପଞ୍ଚାୟତ ନିମାଖୁଲା ଗ୍ରାମର ଚନ୍ଦ୍ରମା ପ୍ରଧାନ, କମା ପ୍ରଧାନ ଓ ଅନ୍ୟାନ୍ୟ ଚାଷୀ ନଷ୍ଟ ହୋଇଥିବା ପାଚିଲା ଧାନ ସମ୍ପର୍କରେ ଜଣାଇଥିଲେ। ଭୀମସେନ ଘଟଣା ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଆସିକା,୨୭ା୧୧(ଡି.ଏନ.ଏ):** ଆସିକା ବସଷ୍ଟାଣ୍ଡ ସନ୍ନିକଟ କଳିଙ୍ଗା ରୋଡରେ ଶନିବାର ଅପରାହ୍ନରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆସିକା ଏନଏସି ପାକଲାପଲ୍ଲୀ ଗ୍ରାମର ସଚିଦାନନ୍ଦ ପୋଲାଇ (୧୮)। ସଚିଦାନନ୍ଦ ସେହି ରାସ୍ତା ଦେଇ ଯାଉଥିଲା ବେଳେ ଗୋଟିଏ ଗାଡି ଧକ୍କା ଦେଇଥିଲା। ତାଙ୍କୁ ଆସିକା ଡାକ୍ତରଖାନା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଗାଡିକୁ ଉତ୍ୟକ୍ତ ଲୋକ କାଳକ୍ଷଣପୁର ନିକଟରେ ଧର ପୋଲିସକୁ ଦେଇଥିଲେ। ତେବେ ଚାଳକ ଫେରାର ହୋଇଥିବା ଜଣାପଡିଛି। ଖବର ଲେଖା ହେଲା ଯାଏ ଏ ସମ୍ପର୍କରେ ପୋଲିସରେ କୌଣସି ଅଭିଯୋଗ ହୋଇନାହିଁ।

### ଖଲ୍ଲିକୋଟ ସହରାଞ୍ଚଳର ୨୪ ପ୍ରକଳ୍ପ ଅନୁମୋଦିତ

**ଖଲ୍ଲିକୋଟ,୨୭ା୧୧(ଡି.ଏନ୍.ଏ.):** ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳକୁ ୨୪ ପ୍ରକଳ୍ପ ନିମନ୍ତେ ୨ କୋଟି ୩୭ ଲକ୍ଷ ଟଙ୍କା ଅନୁମୋଦନ କରିଥିବାରୁ ଖଲ୍ଲିକୋଟ ଏନ୍‌ଏସି ମହିଳା ଏସ୍‌ଏସ୍‌ଜି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ଦିଆଯାଇଛି। ଏହି ଅବସରରେ ଖଲ୍ଲିକୋଟ ସହରସ୍ଥିତ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସଭାରେ ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଏନ୍‌ଏସି ପୂର୍ବତନ ଅଧକ୍ଷା ସସ୍ମିତା ବେହେରା, ପୂର୍ବତନ ଉପାଧକ୍ଷ ଚିତ୍ତରଞ୍ଜନ ମାଝି, ପୂର୍ବତନ ଅଧକ୍ଷ ରାମମୋହନ ପଣ୍ଡା, ନଗର ବିଜେଡି ଯୁବନେତା ରାଜୁ ପାଢ଼ୀ ଉପସ୍ଥିତ ଥିଲେ।

### ସମ୍ମାନିତ ହେଲେ ଥାନାଧିକାରୀ

**ଆସିକା/ବୁଗୁଡ଼ା,୨୭ା୧୧(ଡି.ଏନ.ଏ):** ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ରାଜ୍ୟ ପୋଲିସ ଡିଜିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଶନିବାର ଛତ୍ରପୁରସ୍ଥିତ ଜଲା ପୋଲିସ ମୁଖ୍ୟାଳୟରେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାଏ ଥାନାଧିକାରୀଙ୍କୁ ଡିଜିଙ୍କ ପ୍ରଦତ୍ତ ଏହି ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଗତ ସେପ୍ଟେମ୍ବରରେ ପୋଲିସ ବିଭାଗ ପକ୍ଷରୁ ହୋଇଥିବା ଫେରାର ଅପରାଧି ଧରପଗଡ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଏହି ସମ୍ମାନ ଦିଆଯାଇଛି। ସେହିପରି ବୁଗୁଡ଼ା ଥାନାଧିକାରୀ ଚିତ୍ତରଞ୍ଜନ ବେହେରା, ବାଲିପଦର ଫାଣ୍ଡି ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ଏବଂ ଓଏପିଏଫ କନଷ୍ଟେବଲ ସଞ୍ଜୟ ମଲ୍ଲିକଙ୍କୁ ପୋଲିସ ଡିଜି ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି। ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଠାକୁର ପ୍ରସାଦ ପାତ୍ର, ବିଜୟ ମଲ୍ଲିକ, ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ବିକ୍ଷୋଭ

**ଆର.ଉଦୟଗିରି,୨୭ା୧୧(ଡି.ଏନ୍.ଏ.):** ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ବିଭିନ୍ନ ଦାବି ନେଇ ନୂଆଗଡ଼ଠାରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନୂଆଗଡ଼ ମାଣିକେଶ୍ୱରୀ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟ ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଗଣଧାରଣାରେ ବସିଥିଲେ। ଏଥିସହ ନୂଆଗଡ଼ ଅତିରିକ୍ତ ତହସିଲଦାର ଆଶିଷ୍ କୁମାର ପ୍ରଧାନଙ୍କୁ ଏକ ଦାବିପତ୍ର ଦେଇଥିଲେ। ଶୋଭାଯାତ୍ରାରେ ବ୍ଲକ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ସଦସ୍ୟ ନରସିଂହ ମଣ୍ଡଳ, ଯାକବ କାର୍ଯୀ, ଯିରିମିୟ ଇଡ, ହେଲିସାୟ ରାଇକା, ବିଜୟ ରଇତ, ସୁନାମ ମଣ୍ଡଳ, ଜୀବନ ଗମାଙ୍ଗ ସମେତ ରାୟଗଡା ଜିଲା ରାଜ୍ୟ କମିଟି ସଦସ୍ୟ ତ୍ରିପତି ଗମାଙ୍ଗ ଓ କୈଳାସ ଶବର ଉପସ୍ଥିତ ଥିଲେ।

# ଜୋର ଧରିଲା ହାଇକୋର୍ଟ ବେଞ୍ଚ ଆନ୍ଦୋଳନ

## ସ୍ଥାୟୀ ବେଞ୍ଚ ଏକମାତ୍ର ବିକଳ୍ପ : ଓକିଲ ସଂଘ

**ବ୍ରହ୍ମପୁର ଅଫିସ,୨୭ା୧୧**

ବ୍ରହ୍ମପୁରରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ ଆନ୍ଦୋଳନ ଶନିବାର ଆରମ୍ଭ ହୋଇଛି। ପୂର୍ବାହ୍ନରେ ଶତାଧିକ ଆଇନଜୀବୀ ସଂଘ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ ସହ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସ୍ଲୋଗାନ ଦେଇଥିଲେ। ଫଳରେ ସମସ୍ତ ଅଦାଲତରେ ବିଚାର ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ପ୍ରଦୀପ କୁମାର ବେହେରା, ଉପସଭାପତି ବି.ଭାଗୀରଥି ରାଓ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର ସମେତ ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ମନୋଜ ପଟ୍ଟନାୟକ, ନିର୍ମଳ ସାହୁ, ଅକ୍ଷୟ ପଟ୍ଟନାୟକ, ପ୍ରଦୀପ ପଣ୍ଡା, ଡି.ପ୍ରସାଦ ଦୋରା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ଜଗନ୍ନାଥ ମିଶ୍ର, ମନୋଜ ପାଣିଗ୍ରାହୀ, ଅରୁଣ ବିଶ୍ୱାଳ, ସନ୍ତୋଷ ମହାନ୍ତି, ତାପସ ସାହୁ, ସୁଦାମ ସାହୁ, କରୁଣାକର ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜୀବୀ ଆନ୍ଦୋଳନରେ ସାମିଲ ଥିଲେ। ସୂଚନାଯୋଗ୍ୟ, ଗତ ୩ ଦଶନ୍ଧି ପୂର୍ବରୁ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ହେଉଛି। କିନ୍ତୁ ସମସ୍ୟା ସମାଧାନରେ ସରକାରଙ୍କ ଉପେକ୍ଷା ଅବ୍ୟାହତ ରହିଛି। ଅନ୍ୟପକ୍ଷରେ ୨୦୦୮ରେ ଆନ୍ଦୋଳନ ତୀବ୍ରତର ହୋଇଥିଲା। ଯଦ୍ୱାରା ମାସ ମାସ ଧରି ଅଦାଲତ ବର୍ଜନ କରାଯାଇଥିଲା। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ତଥାପି ଦାବି ପୂରଣ ନ ହେବାରୁ ପ୍ରତିମାସର ଶେଷ ୪ ଦିନ କୋର୍ଟ ବର୍ଜନ ପାଇଁ ଓକିଲ ସଂଘ ନିଷ୍ପତ୍ତି ନେଇଥିଲା।

# ଉନ୍ନୟନ କାର୍ଯ୍ୟ ଦେଖିଲେ କମିଶନର, ବିଧାୟକ


କମିଶନର ଓ ବିଧାୟକ ବିଭିନ୍ନ କାର୍ଯ୍ୟ ବୁଲି ଦେଖୁଛନ୍ତି।

**ବ୍ରହ୍ମପୁର ଅଫିସ,୨୭ା୧୧**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) କମିଶନର ଓ ବ୍ରହ୍ମପୁର ବିଧାୟକ ସହରରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଓ ପ୍ରକଳ୍ପ କାର୍ଯ୍ୟର ଶନିବାର ସମୀକ୍ଷା କରିଛନ୍ତି। କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଓ ବିଧାୟକ ବିକ୍ରମ କୁମାର ପଣ୍ଡା ପ୍ରଥମେ ସହରର ଇଞ୍ଜିନିୟରିଂ ସ୍କୁଲଠାରେ ନିର୍ମାଣାଧୀନ ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟ ବୁଲି ଦେଖିଥିଲେ। ଏଥିସହ କୋର୍ଟପେଟା ସ୍ଥିତ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍‌ଠାରେ ମାଛ ମାର୍କେଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବା ବିଧାୟକ ସୂଚନା ଦେଇଛନ୍ତି। ସେହିଭଳି ସ୍ପୋର୍ଟସ ଏରେନା ନିକଟରେ ରହିଥିବା ପୋଖରୀ ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ସେଠାରେ ଥିବା ପାର୍କ ମଧ୍ୟ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗୀକୃତ କରାଯିବ। ଗୋସାଇଁ ନୂଆ ଉତ୍ତରେଶ୍ୱର ପାର୍କର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ଗୋସାଣୀନୂଆଗାଁ ମଶାଣିକୁ ସ୍ମାର୍ଟ ଶ୍ମଶାନରେ ପରିଣତ କରାଯିବ। ସେହିଭଳି ନେଳିଆ ବନ୍ଧର ପୁନରୁଦ୍ଧାର ସହ ଆଲୋକୀକରଣ, ପାର୍କିଂ ସ୍ଥଳ ଓ ପାର୍କ ନିର୍ମାଣ କରାଯିବ। ଧୋବାବନ୍ଧ ହୁଡାରେ ଆଲୋକୀକରଣ କରାଯିବ। ସେଠାକାର ପରିବେଶ ପରିଚ୍ଛନ୍ନତାକୁ ଅଧିକ ଗୁରୁତ୍ୱ ଦିଆଯିବ। ସହରର ପାଟ ବୁଣାକାର ନିମନ୍ତେ ନିର୍ମିତ ହେଉଥିବା ଶୋ'ରୁମର କାର୍ଯ୍ୟ ଆଗାମୀ ୧୦ ଦିନ ମଧ୍ୟରେ ସରିବ। ଏହାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ବୋଲି ବିଧାୟକ କହିଛନ୍ତି। ଆସନ୍ତା ୨ ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ସରିବା ନେଇ ଲକ୍ଷ୍ୟ ରଖାଯାଇଥିବା କମିଶନର ସୂଚନା ଦେଇଛନ୍ତି।

## ନାବାଳିକା ଅପହରଣ ନେଇ ଥାନାରେ ଅଭିଯୋଗ

**ଗୋପାଳପୁର,୨୭ା୧୧(ଡି.ଏନ.ଏ.)**

ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଶନିବାର ଥାନାରେ ମା' ଅଭିଯୋଗ କରିଛନ୍ତି। ସୂଚନାନୁସାରେ ଏହି ଥାନା ଅଞ୍ଚଳରେ ନାବାଳିକାଙ୍କ ପରିବାର ରୁହନ୍ତି। ଗତ ୨୨ ତାରିଖ ଅପରାହ୍ନରେ ନାବାଳିକା କୌଣସି କାମ ନେଇ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇପାରି ନ ଥିଲେ। ଏନେଇ ନାବାଳିକାଙ୍କ ମା' ଶନିବାର ମୋ ଝିଅକୁ କେହି ଅପହରଣ କରିଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ ୩୩୫/୨୧ରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ଟିମ୍ ଗଠନ କରାଯାଇଛି।

# ଗୋଲିଆ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ , ବୁଗୁଡ଼ା ଚାମ୍ପିୟନ୍

**ବୁଗୁଡ଼ା,୨୭ା୧୧(ଡି.ଏନ.ଏ.)**


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଓ ଅନ୍ୟମାନେ ।

ବୁଗୁଡ଼ା ବ୍ଲକ କଙ୍କେଅନ୍ତର୍ଗତ ଗୋଲିଆ ଗ୍ରାମରେ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ବୁଗୁଡ଼ା ଦଳ ଚାମ୍ପିୟନ ହୋଇଛି। ଗୋଲିଆ ଗ୍ରାମର ଧାଡିଆମ୍ବ ପଡିଆଠାରେ ସଂଘର୍ଷ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୮ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ୍ ମ୍ୟାଚ୍ ବୁଗୁଡ଼ା ଓ ଖଇରଚଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୁଗୁଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩ ଓଭରରେ ୪ ଉଇକେଟ ହରାଇ ୩୩ ରନ୍ ସଂଗ୍ରହ କରିଥିବା ବେଳେ ଖଇରଚଟା ଦଳ ୫ ଉଇକେଟ ହରାଇ ୨୨ ରନ କରି ପରାସ୍ତ ହୋଇଥିଲା। ଉକ୍ତ ଟୁର୍ନାମେଣ୍ଟରେ ଧାନଚାନ୍ଦ ଦାଶ ଓ ସୁନୀଲ ପ୍ରଧାନ ଅମ୍ପାୟର ଦାୟିତ୍ୱ ତୁଲାଇଥିବା ବେଳେ ବିକାଶ ସାମଲ, ଡାକ ବିଶ୍ୱାଳ, ବବୁର ପଲେଇ, ଶ୍ୟାମ ଜେନା, ଶଙ୍କର ଜେନା ଓ ସନ୍ତୋଷ ନାହାକ ପ୍ରମୁଖ ପରିଚାଳନା କରିଥିଲେ। ଘୁମୁସର ଜିଲା ଭାଜପା ସଭାପତି ଗୋକୁଳା ନନ୍ଦ ମଲିକ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ହରିକୃଷ୍ଣ ସାହୁ ଓ ସମିତିସଭ୍ୟା ସୁକୁଟି ପୋଲାଇ, କେଦାର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଦଳକୁ ୫ ହଜାର ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୩ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ।

# ଗାଙ୍ଗପୁର ଥାନାକୁ ସମ୍ବର୍ଦ୍ଧିତ କଲେ ଗଞ୍ଜାମ ଏସ୍‌ପି

**ଛତ୍ରପୁର,୨୭ା୧୧(ଡି.ଏନ.ଏ.)**

ଗଞ୍ଜାମ ପୋଲିସ ଜିଲା ଅଧୀନ ଗାଙ୍ଗପୁର ଥାନା ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ଥାନା ଭାବେ ପୁରସ୍କୃତ ହୋଇସାରିଛି। ଏନେଇ ଶନିବାର ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏସ୍‌ପି ବ୍ରିଜେଶ କୁମାର ରଏ ଗାଙ୍ଗପୁର ପୋଲିସ ଟିମ୍ ଓ ଭଞ୍ଜନଗର ଏସ୍‌ଡିପିଓଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଗାଙ୍ଗପୁର ଥାନା କର୍ମଚାରୀ ଏବଂ ଅଧିକାରୀ ଯେଉଁ କାମ କରି ଦେଶରେ ରାଜ୍ୟ ଏବଂ ଜିଲ୍ଲାର ନାଁ ରଖିଲେ ସେହିପରି ଅନ୍ୟ ଥାନାଗୁଡ଼ିକ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ସେମାନେ ମଧ ଟେକ ରଖିବେ ବୋଲି ଏସ୍‌ପି ରଏ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଚଳିତ ମାସ ୯ ତାରିଖରେ ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌଠାରେ ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କଠାରୁ ଗାଙ୍ଗପୁର ଥାନାକୁ ପ୍ରଶଂସାପତ୍ର ଓ ଟ୍ରଫି ମିଳିଥିଲା ।


ଏସ୍‌ପି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

# ମିଷ୍ଟର ନର୍ଥ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ଗଞ୍ଜାମ ପ୍ରତିଯୋଗୀଙ୍କ ବାଲେଶ୍ୱର ଗସ୍ତ

**ବ୍ରହ୍ମପୁର ଅଫିସ,୨୭ା୧୧**


ମିଷ୍ଟର ନର୍ଥ ଓଡ଼ିଶା ପ୍ରତିଯୋଗୀ ଚନ୍ଦନ ପାଣିଗ୍ରାହୀ ଓ ମଦନ ସାହୁ।

ବଡ଼ି ବିଲ୍ଡିଂ ଓ ଫିଟନେସ ଫେଡ଼େରେଶନ ଅଫ ଇଣ୍ଡିଆ ଓ ଓଡ଼ିଶା ବଡ଼ିବିଲ୍ଡିଂ ଏଣ୍ଡ ଫିଟନେସ ଆସୋସିଏଶନ ତତ୍ତ୍ୱାବଧାନରେ ବାଲେଶ୍ୱର ଜିଲା ବଡ଼ିବିଲ୍ଡିଂ ଓ ଫିଟ୍‌ନେସ ଆସୋସିଏଶନ ପକ୍ଷରୁ ବାଲେଶ୍ୱର ସୋରଠାରେ ନଭେମ୍ବର ୨୮ରେ ମିଷ୍ଟର ନର୍ଥ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ନିମନ୍ତେ ଶନିବାର ଜିଲା ବଡ଼ିବିଲ୍ଡିଂ ସଂଘ ପକ୍ଷରୁ ୮ ଜଣିଆ ଟିମ୍ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଟିମ୍‌ରେ ଚନ୍ଦନ ପାଣିଗ୍ରାହୀ ଓ ବିଶ୍ୱଜିତ ସାମନ୍ତରାୟ (୫୦- ୬୦ କେଜି ବର୍ଗ), ରବି ସାହୁ (୭୫ କେଜି ବର୍ଗ), ରବିନାରାୟଣ ସାହୁ (୬୫ କେଜି ବର୍ଗ), ମହେଶ୍ୱର ଜେନା (୭୫ କେଜି ବର୍ଗ) ଓ ବିଷ୍ଣୁ ପ୍ରସାଦ ପୋଲାଇ ସୁନ୍ଦର ସ୍ୱାସ୍ଥ୍ୟ ଓ ମେନ୍ସ ଫିଜିକରେ ପ୍ରତିଯୋଗିତା କରିବେ। ସେହିପରି ଅନ୍ୟଜଣେ ପ୍ରତିଯୋଗୀ ମଦନ ସାହୁ ମାଷ୍ଟର କାଟାଗୋରିରେ ପ୍ରତିଯୋଗିତା କରିବେ। ପ୍ରତିଯୋଗୀଙ୍କ ସହ ଗଞ୍ଜାମ ବଡ଼ିବିଲ୍ଡିଂ ଆସୋସିଏଶନ ସମ୍ପାଦକ ଏସ୍. ଧର୍ମା ଆଚାରୀଙ୍କ ସମେତ ଟିମ୍ ମ୍ୟାନେଜର ଭାବେ ବୁନୁ ସେନାପତି ଓ କୋଚ୍ ଭାବେ କିଶୋର ଚନ୍ଦ୍ର ବିଷୋୟୀ ଯାତ୍ରା କରୁଛନ୍ତି।

# ରାଜ୍ୟରେ ୬୮ ବର୍ଷରେ ୧୬ ବିଧାନସଭା ନିର୍ବାଚନ

**ବ୍ରହ୍ମପୁର ଅଫିସ,୨୭ା୧୧**

- ଗଞ୍ଜାମରୁ ନିର୍ବାଚିତ ୧୦ ବିଧାୟିକା, ୨ ମନ୍ତ୍ରୀ ହୋଇଥିଲେ
- ପ୍ରଥମ ମହିଳା ଉପବାଚସ୍ପତି ଏ.ଲକ୍ଷ୍ମୀବାଇ

ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ରୁ ୨୦୧୯ ମଧ୍ୟରେ ରଜ୍ୟରେ ହୋଇଛି ୧୬ ବିଧାନସଭା ନିର୍ବାଚନ। ରାଜନୈତିକ ସଚେତନ ଜିଲା ଗଞ୍ଜାମରେ ଏହି ୬୮ ବର୍ଷରେ ମାତ୍ର ୧୦ ମହିଳା ବିଭିନ୍ନ ଦଳରୁ ବିଧାୟକ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ ବିଧାୟିକା ମନ୍ତ୍ରୀ ପଦ ପାଇଛନ୍ତି। ସୂଚନାଯୋଗ୍ୟ ଖଲ୍ଲିକୋଟ ରାଣୀ ସୁଜ୍ଞାନ କୁମାରୀ ଦେଓ ଉତ୍କଳ କଂଗ୍ରେସ ଜନତା ପାର୍ଟି, ଜନତା ଦଳ ଓ ବିଜେଡିରୁ ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ଆସନରୁ ଲଗାତର ୯ ଥର ବିଧାୟିକା ହୋଇ ରେକର୍ଡ ସୃଷ୍ଟି କରିଥିଲେ ମଧ ଥରେ ବି ମନ୍ତ୍ରୀ ହୋଇନାହାନ୍ତି। ସେହିପରି ଚିକିଟି ରାଣୀ ଉଷା ଦେବୀ ଜନତା ଦଳ ଓ ବିଜେଡିରୁ ୬ ଥର ଜିତିଛନ୍ତି ଓ ୨ ଥର କ୍ୟାବିନେଟ ମନ୍ତ୍ରୀ ପଦ ପାଇଛନ୍ତି। ଏବେ ଉଷା ଚିକିଟି ବିଧାୟିକା ଥିବା ବେଳେ ସୁଜ୍ଞାନ ୨୦୧୯ରୁ ନିର୍ବାଚନ ଲଢ଼େଇରୁ ଓହରି ଯାଇଛନ୍ତି।

ସେହିପରି ଆସିକା ଓ ସୋରଡ଼ା ନିର୍ବାଚନ ମଣ୍ଡଳୀରୁ ୨ ଥର କଂଗ୍ରେସ ବିଧାୟିକା ହୋଇଥିବା ସ୍ୱର୍ଗୀୟା ଉଷାରାଣୀ ପଣ୍ଡା ଗିରିଧାରୀ ଗମାଙ୍ଗ ମନ୍ତ୍ରୀ ମଣ୍ଡଳରେ ସ୍ୱଳ୍ପ ସମୟ ପାଇଁ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ତେଣୁ ଏହି ଜିଲାରୁ କେବଳ ଦୁଇ ମନ୍ତ୍ରୀ ହେବାର ସୁଯୋଗ ପାଇଛନ୍ତି। ଅପରପକ୍ଷରେ ଅତୀତରେ ବଡ଼ଖେମୁଣ୍ଡି ରାଣୀ ଅନଙ୍ଗ ମଞ୍ଜରୀ କଂଗ୍ରେସରୁ, ଧରାକୋଟ ରାଣୀ ଶାନ୍ତି ଦେବୀ ସୋରଡ଼ା ଆସନରୁ ଜନତା ଦଳରୁ, ମହୁରୀ ରାଣୀ ରତ୍ନ ମଞ୍ଜରୀ ଦେବୀ ବ୍ରହ୍ମପୁର ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଏବଂ ସାନଖେମୁଣ୍ଡି ଆସନରୁ ବିଜେଡିରୁ ବର୍ତ୍ତମାନର ଧରାକୋଟ ରାଣୀ ନନ୍ଦିନୀ ଦେବୀ ଥରେ ଲେଖାଏଁ ବିଧାୟିକା ହୋଇଥିବା ନିର୍ବାଚନୀ ତଥ୍ୟ ରହିଛି। ୨୦୧୯ ନିର୍ବାଚନରେ ଖଲିକୋଟରୁ ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ ଓ ଆସିକାରୁ ମଞ୍ଜୁଳା ସ୍ୱାଇଁ ବିଜେଡିରୁ ବିଧାୟିକା ହୋଇଛନ୍ତି। ଫଳରେ ଗଞ୍ଜାମରୁ ଏଯାବତ ମାତ୍ର ୧୦ ମହିଳା ବିଧାୟିକା ହେବାର ସୁଯୋଗ ପାଇଛନ୍ତି।

ରାଜ୍ୟରେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ବିଜେଡି ଶାସନ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦେଇଛନ୍ତି। ଗଞ୍ଜାମ ବିଜେଡିର ଦୁର୍ଗ ଜିଲାରେ ପରିଣତ ହୋଇଛି। ତେବେ ଏହି ସମୟ ମଧ୍ୟରେ ଜିଲାରୁ ଜଣେ ମାତ୍ର ମହିଳା ଉଷା ଦେବୀଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଛି। ତେଣୁ ମନ୍ତ୍ରୀ ପରିଷଦରେ ଏହି ଜିଲାରୁ ମହିଳାଙ୍କୁ ଉପେକ୍ଷା କରାଯାଇଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷରେ ବହୁ ବର୍ଷ ପରେ ଆସିକାରୁ ପ୍ରମିଳା ବିଶୋୟୀ, ଲୋକସଭା ଏମପି ଏବଂ ୨୦୦୮ରୁ ୨୦୧୪ ଯାଏଁ ରେଣୁବାଳା ପ୍ରଧାନ ରାଜ୍ୟସଭା ଏମପି ଥିଲେ। ବିଜେଡିରୁ ଏହି ୨ ମହିଳାଙ୍କୁ ଦିଲ୍ଲୀ ଯିବାର ସୁଯୋଗ ମିଳିଛି।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ହୋଇଥିବା ବିଧାନସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ବ୍ରହ୍ମପୁର ଆସନରୁ ସଂରକ୍ଷଣ ନୀତିରେ ଏ.ଲକ୍ଷ୍ମୀବାଇ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ। ସେ ୨୯ ମେ ୧୯୪୬ ରୁ ୧୯୫୨ ଫେବୃୟାରୀ ୨୦ ପର୍ଯ୍ୟନ୍ତ ପ୍ରଥମ ମହିଳା ଉପବାଚସ୍ପତି ଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMIIVSKP2021068, ତା.22.11.2021ରିଖ

**କାର୍ଯ୍ୟର ନାମ:** (I) ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର ବାଫଲିମାଲି ବକ୍ସାଇଟ୍ ଖଣି ଠାରୁ ଟିକିରି ରେଳ ଷ୍ଟେସନ (30 କି.ମି.) ପର୍ଯ୍ୟନ୍ତ ଏବଂ (ii) ଶାଶୁବୋହୁମାଲି ବକ୍ସାଇଟ ଖଣି ଠାରୁ ଟିକିରି ରେଳ ଷ୍ଟେସନ (30 କି.ମି.) ପର୍ଯ୍ୟନ୍ତ ନୂଆ ବ୍ରୋଡ୍ ଗେଜ୍ (B.G.) ରେଳ ଲାଇନ୍ ପ୍ରକଳ୍ପ ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ ସମାଧାନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 161.13 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 04(ଚାରି)ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.12.2021 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚର୍ଡ଼ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-92/CE/21-22

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMIIVSKP2021067, ତା.22.11.2021ରିଖ

**କାର୍ଯ୍ୟର ନାମ** (I) ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର ମାଲି ପର୍ବତ ଏବଂ ପଟାଙ୍ଗୀ ବକ୍ସାଇଟ୍ ଖଣି ଠାରୁ ଦାମନଯୋଡ଼ି ରେଳ ଷ୍ଟେସନ (30 କି.ମି.) ପର୍ଯ୍ୟନ୍ତ (ii) ପଞ୍ଚପଟମାଲି ବକ୍ସାଇଟ୍ ଖଣି ଠାରୁ ଦାମନଯୋଡ଼ି ରେଳ ଷ୍ଟେସନ (30 କି.ମି.) ପର୍ଯ୍ୟନ୍ତ ଏବଂ (iii) କୋଡ଼ିଙ୍ଗାମାଲି ବକ୍ସାଇଟ୍ ଖଣି ଠାରୁ ଲକ୍ଷ୍ମୀପୁର ରୋଡ୍ ରେଳ ଷ୍ଟେସନ (10 କି.ମି.) ପର୍ଯ୍ୟନ୍ତ ନୂଆ ବ୍ରୋଡ୍ ଗେଜ୍ (B.G.) ରେଳ ଲାଇନ୍ ପ୍ରକଳ୍ପ ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ ସମାଧାନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 187.90 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି: 04(ଚାରି)ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.12.2021 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚର୍ଡ଼ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-95/CE/21-22

